# ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର – ଆପଣଙ୍କ ସେବାରେ

## (୩୪ତମ ଜନ୍ମ ବାର୍ଷିକୀ ଉପଲକ୍ଷେ)

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର ବର୍ତ୍ତମାନ ପୂର୍ବଭାରତର ଏକ ବିକାଶୋନ୍ମୁଖ ଆଞ୍ଚଳିକ କର୍କଟ କେନ୍ଦ୍ର ଭାବେ ଉଭା ହୋଇଅଛି। ଗତ ବର୍ଷ ଓପିଡିକୁ ଆସିଥିବା ଉଭୟ ପୁରୁଣା ଓ ନୂଆ ରୋଗୀଙ୍କ ସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ଥିବା ବେଳେ, ହସପିଟାଲରେ ଭର୍ତ୍ତି ହୋଇ ବିଭିନ୍ନ ଚିକିତ୍ସା ପାଇଥିବା ରୋଗୀଙ୍କ ସଂଖ୍ୟା ୨୫ ହଜାରରୁ ଅଧିକ ହେବ। ଏହି ରୋଗୀ ମାନଙ୍କ ଭିତରେ ଶତକଡ଼ା ୧୧ ଭାଗ କେବିକେ ଜିଲ୍ଲାରୁ ଆସିଥିବା ବେଳେ ପ୍ରାୟ ଶତକଡ଼ା ୩ ଭାଗ ରୋଗୀ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରୁ ଆସିଛନ୍ତି।

ଏହି କେନ୍ଦ୍ର ୧୯୮୪ ମସିହା ଏପ୍ରିଲ ମାସ ୨୪ ତାରିଖରୁ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱୟଂଚାଳିତ ସଂସ୍ଥା ଭାବେ କାର୍ଯ୍ୟ କରିଆସୁଅଛି। ବର୍ତ୍ତମାନ ଏହି କେନ୍ଦ୍ରରେ ଦଶଗୋଟି ବିଭାଗ ଜରିଆରେ ବିଭିନ୍ନ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଅଛି। ନିଦାନ ବିଭାଗ ଏବଂ ରଞ୍ଜନରଶ୍ମୀ ବିଭାଗ ଜରିଆରେ ଅତ୍ୟାଧୁନିକ କର୍କଟ ରୋଗ ନିରୂପଣ ବ୍ୟବସ୍ଥା ଥିବା ବେଳେ କର୍କଟ ରୋଗ ଚିକିତ୍ସା ପାଇଁ ସର୍ଜରୀ, ରେଡିଓଥେରାପି ଓ କେମୋଥେରାପି ବିଭାଗ କାର୍ଯ୍ୟକ୍ଷମ ରହିଅଛି।

ନିଦାନ ବିଭାଗ ଜରିଆରେ ହିଷ୍ଟୋପାଥୋଲୋଜି, ସାଇଟୋଲୋଜି, ହେମାଟୋଲୋଜି ତଥା ଇମ୍ୟୁନୋହିଷ୍ଟୋକେମିଷ୍ଟ୍ରି ପରୀକ୍ଷା ହେଉଥିବା ବେଳେ ରଞ୍ଜନ ରଶ୍ମୀ ବିଭାଗରେ ଏକ୍ସରେ, ଅଲଟ୍ରାସାଉଣ୍ଡ ଏବଂ ସିଟି ସ୍କାନ ସୁବିଧା ଉପଲବ୍ଧ ହେଉଅଛି। ସର୍ଜିକାଲ ଅଙ୍କୋଲୋଜି, ଗାଇନିକ୍ ଅଙ୍କୋଲୋଜି, ହେଡ୍ ଓ ନେକ୍ ଅଙ୍କୋଲୋଜି ବିଭାଗ ଜରିଆରେ ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ରହିବା ସାଙ୍ଗକୁ ସର୍ଜିକାଲ ଆଇସିୟୁ କାର୍ଯ୍ୟକ୍ଷମ ଅଛି। ସେହିପରି ଲିନାକ୍ ମେସିନ ଏବଂ ସିଟି ସିମୁଲେଟର ମେସିନ ଜରିଆରେ ଆଧୁନିକ ବିକିରଣ ଚିକିତ୍ସା ପ୍ରୟୋଗ କରାଯାଉଅଛି। ଡେ-କେୟାର ତଥା ହସପିଟାଲର ଅନ୍ୟାନ୍ୟ ଶଯ୍ୟାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କୁ ସଫଳ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଅଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଉପରୋକ୍ତ ସମସ୍ତ ସେବା ମାଗଣାରେ ଉପଲବ୍ଧ ହେଉଅଛି।

ନିରାମୟ ଯୋଜନା ମାଧ୍ୟମରେ କେମୋଥେରାପି ମାଗଣାରେ ମିଳୁଥିବା ବେଳେ ଆର୍ଥିକ ଭାବେ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ ରାଷ୍ଟ୍ରୀୟ ବୀମା ଯୋଜନା ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଅଛି। ଏତଦ୍ ବ୍ୟତୀତ ଗରିବ ରୋଗୀମାନଙ୍କୁ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଜରିଆରେ ବ୍ୟୟବହୁଳ ଚିକିତ୍ସା ଯୋଗାଇ ଦିଆଯାଉଅଛି। ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଚିକିତ୍ସାଳୟରେ ଡେ-କେୟାର ଯୋଜନା ମାଧ୍ୟମରେ କେମୋଥେରାପି ସୁବିଧା ପ୍ରଦାନ କରାଯାଉଅଛି ଏବଂ ଟେଲିମେଡିସିନ ଜରିଆରେ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରାଯାଉଅଛି।

କର୍କଟ ରୋଗର ଚତୁର୍ଥ ଅବସ୍ଥାରେ ଆକ୍ରାନ୍ତ ଥିବା ରୋଗୀମାନଙ୍କୁ ଯନ୍ତ୍ରଣା ଏବଂ ଉପଶମ ଚିକିତ୍ସା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ମାନସିକ ଭାରସାମ୍ୟ ରକ୍ଷା କରିବା ପାଇଁ ସାଇକୋଥେରାପି, ସହଯୋଗ ଏବଂ ଉପଦେଶ ଦିଆଯାଉଅଛି। ଆମ କେନ୍ଦ୍ରରେ ଚବିଶ ଘଣ୍ଟିଆ ଜରୁରୀ କାଳୀନ ସେବା ୨୦୧୫ ମସିହାରୁ ଆରମ୍ଭ ହୋଇଥିବା ବେଳେ ଗତ ବର୍ଷ ବାର ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ପାଇଁ ଏହି ସେବା ଉପଲବ୍ଧ ହୋଇଅଛି।

ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ମାନଙ୍କ ସହଯୋଗରେ ଆମ କେନ୍ଦ୍ରର ଡାକ୍ତର ତଥା କର୍ମଚାରୀ ମାନେ ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇ କର୍କଟ ରୋଗୀଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ କର୍କଟ ରୋଗର ପ୍ରାଥମିକ ଲକ୍ଷ୍ୟଣ ଏବଂ ପ୍ରତିଷେଧକ ବିଷୟରେ ସଚେତନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆସୁଛନ୍ତି।

ଭବିଷ୍ୟତରେ କର୍କଟ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଆବଶ୍ୟକ ହେଉଥିବା କର୍କଟ ରୋଗ ବିଶେଷଜ୍ଞ ସୃଷ୍ଟି କରିବା ପାଇଁ ଚଳିତ ଶିକ୍ଷା ବର୍ଷରୁ ସର୍ଜିକାଲ ଅଙ୍କୋଲୋଜି ଏବଂ ଗାଇନିକ ଅଙ୍କୋଲୋଜି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଯାଇ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ରାଜ୍ୟର ପ୍ରଥମ ଭେଷଜ ସ୍ନାତକୋତ୍ତର ଅନୁଷ୍ଠାନର ସ୍ୱୀକୃତି ଲାଭ କରିଅଛି। ପୂର୍ବରୁ ପ୍ରଚଳିତ ଥିବା ରେଡିଓଥେରାପି ସ୍ନାତକୋତ୍ତର ପାଠ୍ୟକ୍ରମ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଅଧିନରେ କାର୍ଯ୍ୟକ୍ଷମ ରହିଅଛି। ଚଳିତ ଶିକ୍ଷାବର୍ଷ ଠାରୁ ମେଡିକାଲ ଲାବୋରେଟୋରି ଟେକ୍‌ନିସିଆନର ଡିପ୍ଲୋମା ପାଠ୍ୟକ୍ରମରେ ୨୦ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ନାମ ଲେଖାଇଥିବା ରେଡିଓଲୋଜି ଟେକ୍‌ନିସିଆନ୍ ଛାତ୍ରଛାତ୍ରୀମାନେ ପୂର୍ବଭଳି ଆମ ଅନୁଷ୍ଠାନରେ ଆବଶ୍ୟକ ତାଲିମ୍ ତଥା ଶିକ୍ଷା ଗ୍ରହଣ କରୁଛନ୍ତି।

ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମ ସହିତ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗବେଷଣା କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ଏହି ଗବେଷଣା ଲବ୍ଧ ଫଳ ବିଭିନ୍ନ ବୈଜ୍ଞାନିକ ପତ୍ରିକାରେ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ବିଶ୍ୱଦରବାରରେ ଅନୁଷ୍ଠିତ ଗୌରବ ବୃଦ୍ଧିରେ ସହାୟକ ହେଉଅଛି। ଆମ ଅନୁଷ୍ଠାନର ଶିକ୍ଷକ ତଥା ଡାକ୍ତରମାନେ ବିଭିନ୍ନ ସମ୍ମିଳନୀ ତଥା "ନିରନ୍ତର ଭେଷଜ ଶିକ୍ଷା କାର୍ଯ୍ୟକ୍ରମ" (ସି.ଏମ୍.ଇ.) ଜରିଆରେ ସନ୍ଦର୍ଭମାନ ଉପସ୍ଥାପନ କରି କନିଷ୍ଠ ଡାକ୍ତରଙ୍କୁ ତାଲିମ ଦେବାରେ ବଳିଷ୍ଠ ଭୂମିକା ଗ୍ରହଣ କରୁଛନ୍ତି।

ପୂର୍ବବର୍ଷ ଗୁଡିକ ତୁଳନାରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ହସପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି ହେବାର ଆବଶ୍ୟକତା ଦେଖା ଦେଇଅଛି। ସେହିପରି ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ଅନୁଷ୍ଠାନର ପରିସର ବୃଦ୍ଧି ତଥା ଦ୍ୱିତୀୟ କ୍ୟାମ୍ପସର ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନିଆଯାଇଅଛି।

ଏହି ପରିପ୍ରେକ୍ଷୀରେ ସୂଚାଇ ଦିଆଯାଉଅଛି ଯେ ରେଡିଓ, ଟେଲିଭିଜନ, ପତ୍ରପତ୍ରିକା, ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ କର୍କଟ ରୋଗ ସମ୍ପର୍କରେ ପ୍ରଚାର ହେଉଥିବା ସଚେତନତା କାର୍ଯ୍ୟକ୍ରମକୁ ଧ୍ୟାନରେ ରଖି ସମସ୍ତ ଜନସାଧାରଣ ସଚେତନ ହେବା ସଙ୍ଗେ ସଙ୍ଗେ ବିହିତ ପଦକ୍ଷେପ ମାନ ଗ୍ରହଣ କରି କର୍କଟ ରୋଗରୁ ନିଜକୁ ମୁକ୍ତ ରଖିବାକୁ ଅନୁରୋଧ।

**ଡାକ୍ତର ନିରଞ୍ଜନ ରାଉତ**
ଡିନ୍ ଏବଂ ପ୍ରିନସିପାଲ
ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର, କଟକ